# ସ୍ୱାଧୀନ ଭାରତର କବି ବାଞ୍ଛାନିଧି

ଡଃ ନିତ୍ୟାନନ୍ଦ ମହାପାତ୍ର

ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ଗାଇ ଗାଇ ଆମେ ଯେତେକ ଅଳ୍ପ ବୟସ୍କ ଗାଁ ଗହଳି ସହର ବଜାରର ରାସ୍ତା ମଝିରେ ବୁଲୁଥିଲୁ । ୧୯୩୦ ମସିହା କଥା ମନେ ପଡୁଛି । ସେତେବେଳେ ଏହି ଜାତୀୟ ସଂଗୀତର ପ୍ରଣେତାଙ୍କୁ ଆମେ କେହି ଦେଖି ନଥିଲୁ କହିଲେ ଚଳେ । ମୁଁ  କିନ୍ତୁ ତାଙ୍କୁ ଏକୁଟିଆ ଦେଖିଥିଲି । ସେ ହେଉଛନ୍ତି ଏହି ଜାତୀୟ ସଂଗୀତର ରଚୟିତା କବି ଓ ଗାୟକ ବାଞ୍ଛାନିଧି ମହାନ୍ତି । ୧୯୨୩ ମସିହା ହେବ । ସେ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଜିଲ୍ଲା ବୋର୍ଡ଼କୁ ସଭ୍ୟ ହେବାପାଇଁ ପ୍ରାର୍ଥୀ ହୋଇଥିଲେ  । ମୁଁ ତାଙ୍କୁ ସେତେବେଳେ ଯେଉଁ ରୂପରେ ଦେଖିଥିଲି, ସେଇ କାଳିଆ କାଳିଆ ବାଂଗରା ଲୋକଟି ଯେ ଏହି ଜାତୀୟ ସଂଗୀତର ଲେଖକ ହୋଇଥିବେ ମୁଁ ସହଜରେ ବିଶ୍ୱାସ କରୁନଥିଲି ।

ଆଜକୁ ଶହେ ବର୍ଷ ପୂର୍ବେ ସେ ଜନ୍ମ ଲାଭ କରିଥିଲେ । ଏବେ ସେ ବଂଚିଥିଲେ ତାଙ୍କର ଶହେ ବର୍ଷ ହୋଇଥାନ୍ତା । ତାଙ୍କୁ ସ୍ମରଣ କରିବା ପାଇଁ ଭୁବନେଶ୍ୱରରେ ସେଦିନ ଗୋଟିଏ ସଭା ହେଲା । ବକ୍ତାମାନେ ବହୁ ଭାଷଣ ଦେଲେ । ଜଣେ ପ୍ରସିଦ୍ଧ ଲେଖକ ତାଙ୍କ ରଚନାକୁ ଉଦ୍ଧାର କରି କହିଥିଲେ ଯେ ସେଥିରୁ ଜଣାପଡ଼େ ବାଞ୍ଛାନିଧି ବାବୁ ମହାତ୍ମା ଗାନ୍ଧିଙ୍କ ଅହିଂସା ମାର୍ଗକୁ ଆଶ୍ରୟ କରିନଥିଲେ  । ମୁଁ କିନ୍ତୁ ତାଂକୁ ଖୁବ୍ ନିକଟରୁ ଦେଖିଛି । ତାଙ୍କ ସାଂଗରେ ଦେଶ ପାଇଁ କାମ କରିଛି । ସେ ସଂପୂର୍ଣ୍ଣ ଭାବରେ ମହାତ୍ମାଗାନ୍ଧିଙ୍କ ଅନୁଗାମୀ ଥିଲେ । କହ କହ କେଉଁ ଜାତି ଲଭିଛି ମୁକତି କରି ହାରି ହୁରି ଗୁହାରୀ ପଦକୁ ଉଦ୍ଧାର କରି କୁହାଗଲା ଯେ , ଅହିଂସାର ବିରୋଧୀ ଥିଲେ । ମାତ୍ର ମୁ ବୁଝିପାରିଲି ନାହିଁ ଯେ, ସିଏ ହାରି ଗୁହାରି ନକରନ୍ତି ସେ ହିଂସ୍ର କିପରି ହୋଇଗଲେ ।

ସେ ଯାହାହେଉ, ମୁଁ ତାଙ୍କ ଘନିଷ୍ଠ ସଂପର୍କରେ ଆସିଛି । ସେତେବେଳେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କଲେ, ତତ୍‌ସଂଲଗ୍ନ ପ୍ରଦେଶ ମାନଙ୍କରୁ କେଉଁ କେଉଁ ଓଡ଼ିଆ ଭାଷୀ ଅଂଚଳ ତହିଁରେ ସନ୍ନିବେଶିତ ହେବ, ତାହା ସ୍ଥିର କରିବା ପାଇଁ ଓଡ଼ନେଲ ସାହେବଙ୍କ ଅଧକ୍ଷତାରେ ଯେଉଁ କମିଟି ବିହାର, ମଧ୍ୟ ପ୍ରଦେଶ, ମାନ୍ଦ୍ରାଜ, ବଂଗଳା ଆଦି ଅଂଚଳ ଗସ୍ତ କରି ଲୋକମତ ସଂଗ୍ରହ କରୁଥିଲେ । ସେତେବେଳେ ଭାରତୀୟ ଜାତୀୟ କଂଗ୍ରେସର ଉତ୍କଳ ଶାଖା ଏହି କମିଟିକୁ ବାସନ୍ଦ କରିଥିଲେ । ସେହି ସମୟରେ ବାଞ୍ଛାନିଧି ବାବୁଙ୍କ ସହ ମୋ ସଂପର୍କ ।

ଆମେ ସେତେବେଳେ ସ୍ୱର୍ଗତଃ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନିର୍ଦ୍ଦେଶରେ ଦକ୍ଷିଣ ମେଦୀନୀପୁରକୁ ନବ ଗଠିତ ଓଡ଼ିଶା ପ୍ରଦେଶରେ ମିଶାଇ ଦେବା ପାଇଁ ଲୋକମତ ସଂଗ୍ରହ କରୁଥିଲେ । ଦକ୍ଷିଣ ବେଦିନୀପୁରର ଜଣେ ଅଧିବାସୀଙ୍କର ଜିଲ୍ଲା ସଦର ମହକୁମାରେ ଥିବା ଦୋତାଲା କୋଠାଘରେ ଓଡ଼ିଆମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ରହିଥାଏ । ସେଇଠି ଗୋଦାବରୀଶ ବାବୁ ବାଞ୍ଛାନିଧି ବାବୁଙ୍କ ପରି ନେତାମାନେ ଜମିଥାଆନ୍ତି । ଆମେ ଯେତେ ସବୁ ସ୍ୱେଚ୍ଛାସେବୀ ଯୁବକ ଥିଲୁ, ଗାଁ ଗାଁରେ ବୁଲି ଲୋକମତ ସଂଗ୍ରହ କରୁଥାଉ ।

ଦିନକର କଥା  । ମନେପଡ଼ିଲେ ବାଞ୍ଛାନିଧି ବାବୁଙ୍କର ସ୍ନେହ ମୋ ଉପରେ କିପରି ଅମାପ ଥିଲା, ତାହା ବୁଝି ହେବ । ମୁଁ ସେତବେଳେ ଦକ୍ଷିଣ ମେଦିନୀପୁରରର ମାନେ କାନ୍ଥି ବା କଂଟାଇ ଭିତରେ ଯେତେକ ବିଶିଷଟ କରଣ ପରିବାର ବିଶେଷତଃ ଆମର ବନ୍ଧୁମାନଙ୍କ ଘରକୁ ଯାଇ ସେମାନଙ୍କୁ ଓଡ଼ନେଲ କମିଟି ଆଗରେ ସାକ୍ଷ୍ୟ ଦେବା ପାଇଁ ମତାଉଥିଲି । ସେତିକି ବେଳର କଥା । କାଲି ମେଦିନୀପୁରରେ ଓଡ଼ନେଲ କମିଟି ବସିବ । ମୁଁ କଂଟାଇ ରୋଡ଼ରୁ ରେଳ ଗାଡ଼ିରେ ଚଢି ଖଡ଼ଗପୁର ହୋଇ ମେଦିନୀପୁର ଆସୁଥାଏ । ମୋର କଣ ମନେହେଲା କେଜାଣି ମୁଁ ଧୋତି ପାଲଟି ଗୋଟିଏ ଫୁଲପ୍ୟାଣ୍ଟ ପିନ୍ଧି ପକାଇଲି । ଜହରଲାଲ ଜ୍ୟାକେଟ ଖଣ୍ଡେ ପାଖରେ ଥାଏ । ସାର୍ଟ ଉପରେ ସେଇଟାକୁ ଚଢାଇଦେଲି । ମୁଣ୍ଡ ଉପରେ ଗାନ୍ଧି ଟୋପିଟାଏ ପକାଇ ଥାଏ ।

ମେଦିନୀପୁର ଷ୍ଟେସନରେ ଓହ୍ଲାଇ ଦେଖିଲି ଗୋଟାଏ ବିରାଟ ଶୋଭାଯାତ୍ରା ମୋ ଆଗେ ଆଗେ ଚାଲିଛି । ମେଦିନୀପୁର ବଂଗଳାରେ ରହୁ ବୋଲି ପାଟି କରି ସ୍ଲୋଗାନ  ଛାଡ଼ିଥାନ୍ତି ଯାତ୍ରୀମାନେ । ସେହି ଶୋଭାଯାତ୍ରାରେ ମୁଁ ସାମିଲି ହୋଇଗଲି । ମୁଁ ଚାଲିଥାଏ । ମୁଁ ଜଣେ ଓଡ଼ିଆ ବୋଲି ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକଙ୍କ ଭିତରୁ କେହି ହେଲେ ଜାଣି ପାରିନଥିଲେ । ଯେତେବେଳେ ଶୋଭାଯାତ୍ରାଟି ଆମର ସେହି ଶିବିର ବାଟ ଦେଇ ଚାଲିଲା, ସେତେବେଳେ ମୁଁ ଆମର ଗେଟ୍ ଭିତରକୁ ପଶିଗଲି । ମୋ ପାଖରେ ଥିବା ସ୍ଲୋଗାନକାରୀ ବଂଗାଳୀ ବନ୍ଧୁମାନେ (ଶାଳା ଉଡ଼େ  ପାଲା ଲୋ ରେ ପାଲାଲୋରେ) ବୋଲି ଚିତ୍କାର ଛାଡ଼ିଲେ । ମୁଁ ସେତେବେଳେ ଘର ଭିତରେ ପଶି ଦୋତାଲା ଉପରକୁ ଉଠି ସେମାନଙ୍କୁ ଚାହିଁଥାଏ ।

ରାତି ବାରଟା ହେଲା । ଗୋଦାବରୀଶ ମିଶ୍ର ତାଙ୍କ କୋଠରୀରେ ବସି ଚାହିଁ ରହିଥାନ୍ତି । ତାଙ୍କୁ ନିଦ ହେଉନଥାଏ । ଆଉ ବାରଣ୍ଡାରେ ବୁଲୁଥାନ୍ତି ବାଞ୍ଛାନିଧି ବାବୁ । ସେ ମୋତେ ଦେଖିଲା କ୍ଷଣି ଚମକି ପଡ଼ି ନିତ୍ୟାନନ୍ଦ ତମେ ବଂଚିଛ ବୋଲି କହି ବାଞ୍ଛାନିଧି ବାବୁ ମୋତେ କୁଣ୍ଢାଇ ପକାଇଲେ ।

କେତେ ଘଣ୍ଟା ପୂର୍ବରୁ କଂଟାଇରୁ ଗୋଟିଏ ଟେଲିଗ୍ରାମ ଆସି ପହଂଚିଥିଲା "Nityananda Mahapatra is dead" (ନିତ୍ୟାନନ୍ଦ ମହାପାତ୍ର ମରି ଯାଇଛନ୍ତି) ସେ ଦିନର କଥା ମନେପଡ଼ିଲେ ମୋର ଦୁଃଖ ହୁଏ କି ଆନନ୍ଦ ହୁଏ କହିପାରିବି ନାହିଁ ।

ପୂର୍ବତନ ମନ୍ତ୍ରୀ
ଡ଼ି/୪, ଲେବର କଲୋନୀ
ଖାରବେଳ ନଗର, ଭୁବନେଶ୍ୱର